# ବାଞ୍ଛାନିଧି ପ୍ରତିଭା

ଡ଼ଃ ସୁରେନ୍ଦ୍ରନାଥ ଦ୍ୱିବେଦୀ

ସ୍ୱାଧିନତା ସଂଗ୍ରାମରେ ବାଞ୍ଛାନିଧି ବାବୁଙ୍କର ଯୋଗଦାନ ଏବଂ ପରେ କଂଗ୍ରେସ ସଂଗଠନ ଓ ସ୍ୱାଧିନତା ସଂଗ୍ରାମକୁ ଶକ୍ତିଶାଳୀ କରିବା ସକାଶେ ସେ ଯେଉଁ ତ୍ୟାଗ ଓ କଷ୍ଟ ବରଣ କରିଥିଲେ ସେ ବିଷୟରେ ଲେଖିବା ଅନାବଶ୍ୟକ । ସ୍ୱାଧିନତା ସଂଗ୍ରାମ କାଳରେ ବହୁ ଭାବରେ ବହୁ ଲୋକ ଦେଶବାସୀଙ୍କ ନିକଟରେ ଆଦୃତ ଓ ବନ୍ଦିତ ହୋଇଛନ୍ତି । ବାଞ୍ଛାନିଧି ବାବୁଙ୍କୁ  ସେଇ ଦୃଷ୍ଟିରୁ ବିଚାର କଲେ ସେ ଓଡ଼ିଶା ସ୍ୱାଧୀନତା ସଂଗ୍ରାମର ଜଣେ ବରେଣ୍ୟ ନେତା । ମାତ୍ର ତାଙ୍କର ଖ୍ୟାତି ଓ ପ୍ରତିଷ୍ଠାତା କେବଳ ସେହି କାରଣରୁ ନୁହେଁ । ତାଙ୍କ ଭଳି ଆହୁରି ଅନେକ କବି ଓ ଲେଖକ ଜାତୀୟ ଭାବଧାରାକୁ ଉଜ୍ଜ୍ୱଳମୟ କରିଛନ୍ତି । ସେମାନଙ୍କର କବିତା ଲେଖା ଓ ମାନବିକ ମୂଲ୍ୟବୋଧକୁ ମର୍ଯ୍ୟାଦା ଦାନକରି ସମସ୍ତଙ୍କର ନାମ ଉଲ୍ଲେଖ କରିବା କଷ୍ଟକର । ସମସ୍ତେ ଆମର ନମସ୍ୟ ଓ ଜାତିର  ପ୍ରାଣଦାତା ।

ବାଞ୍ଛାନିଧିବାବୁ ଖାଲି କବିତା ଲେଖୁ ନଥିଲେ ସେ ଥିଲେ ଲେଖକ, ଗାୟକ, ସୁରଦାତା ଏବଂ ନିଜ ସଂଗୀତ ଦ୍ୱାରା ମାନବ ହୃଦୟରେ ଚାଞ୍ଚଲ୍ୟ ଓ ବିଦ୍ରୋହ ଜାତ କରାଉଥିଲେ । ତାଙ୍କ ଭଳି  କବିର ପଟାନ୍ତର ନାହିଁ । ବହୁ ଭାବରେ ତାଙ୍କର ଲିଖିତ ସଂଗୀତ ପ୍ରସାର ଲାଭ କରିଛି ଏବଂ ଆଧୁନିକ ଯାନ୍ତ୍ରିକ ଉପାୟରେ ପ୍ରସାରିତ ହୋଇଛି । ଗାଁ ଗାଁରେ ଲୋକ ହୃଦୟରେ ଏବଂ ଲୋକ ଗାନରେ ପରିଣତ ହୋଇଛି । ସବୁଠାରୁ ବିଶେଷ ଭାବରେ ଉଲ୍ଲେଖଯୋଗ୍ୟ ହେଉଛି ସେ କୌଣସି ପ୍ରଲୋଭନରେ ପଡ଼ି ପ୍ରେମ ଓ ଶୃଂଗାର ଦିଗକୁ ମୂଳରୁ ଦୃଷ୍ଟି ଦେଇ ନାହାଁନ୍ତି । ତା କରିଥିଲେ ସେ ଯଥେଷ୍ଟ ଅଥ ଉପାର୍ଜନ କରିପାରିଥାନ୍ତେ ଏବଂ ଦରିଦ୍ର ନିଃସ୍ୱ ଭାବରେ ସେ ଯେ ପ୍ରାଣ ତ୍ୟାଗ କଲେ ତାହା ଘଟି ନଥାନ୍ତା । ଏଇଟା ଆମ ଭଳି ଇତର ଜନଙ୍କର ଚିନ୍ତା । ମାତ୍ର ସେ ଦାରିଦ୍ର୍ୟକୁ ନିଜର ବ୍ରତ କରିନେଇଥିଲେ ଦେଶର  ସ୍ୱାଧୀନତା ସଂଗ୍ରାମରେ ବଳିଦାନ କରି । ଏହା ତାଙ୍କର ଗୌରବ ଗାଥା, ଗର୍ବ ବା ଅହଙ୍କାର ନୁହେଁ । ତାଙ୍କର ପ୍ରତ୍ୟେକ୍ଷ ସଂପର୍କରେ ଯେଉଁମାନେ ଆସିଛନ୍ତି ଏବଂ ତାଙ୍କ ସହିତ କାର୍ଯ୍ୟ କରିବାର ସୁଯୋଗ ପାଇଛନ୍ତି ସେମାନେ ତାଙ୍କ ସାନ୍ନିଧ୍ୟରେ ଆସି ଅନୁଭବ କରିଥିଲେ, ସେ କିପରି ଦରିଦ୍ର ଓ ମୁଲ୍ୟବୋଧ ପ୍ରତିଷ୍ଠା ନିମନ୍ତେ ଜୀବନ ଉତ୍ସର୍ଗ କରିବା ପାଇଁ ଅନବରତ ଉଦ୍ୟମ କରୁଥିଲେ ।ଏହି ଦୂରଦୃଷ୍ଟି ଓ ଆଦର୍ଶବାଦୀ ବ୍ୟକ୍ତିଙ୍କର ପ୍ରତିଭା ଆମେ ଫୁଟାଇ ପାରିଲେ ନିଜେ ଧନ୍ୟ ହେବୁ ।

ମୋର କାଲିପରି ଏକ ଘଟଣା ମନରେ ନାଚି ଉଠୁଛି । ଏହା ୧୯୩୦ ମସିହା ମାର୍ଚ୍ଚ ମାସ ହେବ । ଗାନ୍ଧିଜୀଙ୍କ ଦାଣ୍ଡୀ ପଦଯାତ୍ରା ପ୍ରାକ୍ କାଳରେ କଟକର କାଠଯୋଡ଼ି ବାଲିରେ ବିଭିନ୍ନ ସଭା ସମିତିରେ ବ୍ରିଟିଶ ସରକାର ସହ ଆରମ୍ଭ ହୋଇଥିଲା ସଂଗ୍ରାମ ସମ୍ବନ୍ଧରେ ଲୋକମାନଙ୍କୁ ସତର୍କିତ କରାଯିବା ନିମନ୍ତେ କରାଯାଉଥିଲା । ମୁଁ ସେତେବେଳକୁ ଏକ ଛାତ୍ର  । ମାତ୍ର ୧୬ କି ୧୭ ବର୍ଷ ବୟସ ହେବ । ସ୍ୱରାଜ ସଂଗ୍ରାମରେ ଯୋଗଦେଇ ନଥାଏ । ମାତ୍ର ପ୍ରାୟ ସବୁ ସଭାସମିତିରେ ଉପସ୍ଥିତ ହେଉଥାଏ । ଏହିପରି ଏକ ସଭା କାଠଯୋଡ଼ି ନଦୀବାଲିରେ କରାଯାଉଥାଏ । ସଭାର ବିବରଣୀ ମୋର ସ୍ମରଣ ନାହିଁ । ମାତ୍ର ବାଞ୍ଛାନିଧିବାବୁଙ୍କର ସଂଗୀତ ଏବଂ ସେ ତାହା ଯେପରି ଢଙ୍ଗରେ ଗାନ କଲେ ତାହା ଏବେ ବି ଭାବିଲା ବେଳକୁ ମୋ ହୃଦୟରେ ସ୍ପନ୍ଦନ ଆସୁଛି । ଗୀତ ଥିଲା:

ଦେଖ, ଧୀର ଧୀର, ଧୀର ସମୀରେ ଉଡ଼େ
ଜାତୀୟ ପତାକା ଆଜି ।

ପୂରା ସଂଗୀତଟି ମୁଁ ଏଠାରେ ଉଲ୍ଲେଖ କରିବା ଅବସ୍ଥାରେ ନାହିଁ  । ମାତ୍ର କାଠଯୋଡ଼ି ନଦୀ ବାଲିରେ ସେତେବେଳେ ଯେଉଁ ପବନ ବହୁଥିଲା ତରଙ୍ଗାୟୀତ ଭାବରେ ଜାତୀୟ ଧ୍ୱଜା ଯେପରି ଉଡୁଥିଲା ସତେକି ସେଇ ତରଂଗ ସହିତ ମିଶାଇ ବାଞ୍ଛାନିଧିବାବୁ ତାଙ୍କ ସଂଗୀତ ରଚନା କରିଥିଲେ ଏବଂ ଗାଉଥିଲେ । ସେ ସ୍ଥାନ କାଳ ପାତ୍ର ଏବଂ ଗାଂଧୀଜୀଙ୍କ ଜାତୀୟ ସଂଗ୍ରାମର ଉଚ୍ଛ୍ୱାସ । କିନ୍ତୁ ମୋ ପ୍ରାଣରେ ଯେଉଁ ଆଲୋଡ଼ନ ଏହି ସଂଗୀତ ଦ୍ୱାରା ସୃଷ୍ଟି ହୋଇଥିଲା ସତେକି ମୋର ପରବର୍ତ୍ତୀ କାଳରେ ସ୍ୱାଧିନତା ସଂଗ୍ରାମ ଲାଗି ପ୍ରାଣ ଉତ୍ସର୍ଗ କରିବା ନିମନ୍ତେ ଏକ ସମୁଚିତ ପ୍ରେରଣାଦାୟକ ହୋଇ ବରାବର ରହିଥିବ ।

ଯେଉଁ ଦେଶକୁ ଯାଅ, ପ୍ରଥମେ ନେଇ ଯାଆନ୍ତି ସ୍ୱାଧୀନତା ସଂଗ୍ରାମର ସ୍ମୃତି ଆକାଶକୁ । କୌଣସି କୌଣସି ଦେଶରେ ଏଭଳି ବ୍ୟବସ୍ଥା ରହିଛି ଯେ ଜଣେ ଯଦି ୨/୩ଘଣ୍ଟା ସମୟ ଦେଇ ଏଭଳି ସୁରକ୍ଷିତ ସ୍ଥଳି ଗୁଡ଼ିକରେ ଅଧ୍ୟୟନ କରିବ, ସେଥିରେ ସେ ଉକ୍ତ ଦେଶର ସ୍ୱାଧୀନତା ସଂଗ୍ରାମରେ ପୂର୍ଣ୍ଣ ବିବରଣୀ ପାଇ ପାରିବ । ଯୁଗୋସ୍ଲୋଭିଆର ସଂଗ୍ରାମୀଙ୍କ ସ୍ମୃତିସ୍ଥଳରେ ବୁଲି ଆସିଲେ, ବିଭିନ୍ନ ସମୟରେ ପାର୍ଟିଜାନ (partisan) ମାନେ କିଭଳି ବୀରତ୍ୱ ଦେଖାଇଛନ୍ତି ଓ ବିରୋଧର ସମ୍ମୁଖୀନ ହୋଇଛନ୍ତି, ଦେଖିଲେ ରୋମାଞ୍ଚ ଜାତ ହୁଏ । ଏହି ଜାତିର ଗୌରବ ଏହି ସ୍ମୃତି ପଛରେ ରହିଛି ଗର୍ବ ଓ ବିଜୟ ପ୍ରାପ୍ତିର ଉଲ୍ଲାସ ।

ସ୍ୱାଧୀନତା ପ୍ରାପ୍ତି କେବଳ ରଣାଙ୍ଗନରେ ହୁଏ ନାହିଁ କିମ୍ବା କୌଣସି ଜାତିର ଅଭିବୃଦ୍ଧି ଐନ୍ଦ୍ରଜାଲିକ ଢଙ୍ଗରେ ହୋଇଯାଇପାରେନା ।

ଜାତୀୟ ଭାବନାରେ ଉଦ୍ରେକ ନହେଲା ପର୍ଯ୍ୟନ୍ତ ଜାତି ସଂଗ୍ରାମ ଲାଗି ପ୍ରସ୍ତୁତି ହୋଇ ପାରେନା । ସେଥିଲାଗି ଯୁଗେ ଯୁଗେ ଭାବଧାରା ଓ ଆଦର୍ଶ ହିଁ ମଣିଷ ସମାଜ ଉପରେ ପ୍ରଥମେ ପ୍ରଭାବ ବିସ୍ତାର କରିଛି ଏବଂ ସମାଜରେ ଏକ ଭାବଧାରା ଜନ ମନରେ ଚଞ୍ଚଳତା ଓ ଅସ୍ଥିରତା ସୃଷ୍ଟି କଲେ ତାହା ଅହିଂସା ବା ସଶସ୍ତ୍ର ସଂଘର୍ଷର ସୂତ୍ରପାତ କରିଛି ।

ଏହି ହିସାବରେ ଦେଖିଲେ ଜାତୀୟକବି ବାଞ୍ଛାନିଧି ମହାନ୍ତିଙ୍କର ଜାତୀୟ ଜୀବନକୁ ଦାନ ଅତୁଳନୀୟ । ସେ ଥିଲେ ରଚୟିତା ଓ ଗାୟକ । ଓଡ଼ିଶା ରାଜନୀତିର ପ୍ରାରମ୍ଭିକ ଅଧ୍ୟାୟ ହେଉଛି ଅତ୍ୟାଚାର ଜମିଦାର ପେଷଣରୁ ମୁକ୍ତି, ନିର୍ମମ ଦମନ ଓ ଅକଥନୀୟ ଶୋଷଣ ବିରୁଦ୍ଧରେ ସଂଗ୍ରାମ । ବାକ୍ ସ୍ୱାଧୀନତା ନଥାଏ କିମ୍ବା ଆଜିକାଲି ପରି ବିରାଟ ସଭା ସମିତି କରିବାର ସୁଯୋଗ ନଥାଏ । ତଥାପି ଜନସାଧାରଣଙ୍କ ଭିତରେ ଏ ଭାବଧାରା ସୃଷ୍ଟି କରିବାକୁ ହେବ । ବଙ୍ଗଳାରେ ମୁକୁନ୍ଦ ଦାସଙ୍କ ଯାତ୍ରା ଦଳ ଅଲୌକିକ ଭାବରେ ଲୋକଲୋଚନକୁ ଆକର୍ଷଣ କରିଥିଲା ଏବଂ ସେମାନଙ୍କ ଭିତରେ ଜାତୀୟ ଚେତନା ଜାଗ୍ରତ କରାଇଥିଲା, ସେହିଭଳି ଏକ ପରିକଳ୍ପନା ଘେନି ବାଞ୍ଛାନିଧିବାବୁ ଗୀତ ରଚନା ଆରମ୍ଭ କରିଥିଲେ । ତାହାର କ୍ରମେ କ୍ରମବିକାଶ ହେଲା ସ୍ୱାଧିନତା ସଂଗ୍ରାମ ଯେତେବେଳେ ପ୍ରତ୍ୟକ୍ଷ ସଂଗ୍ରାମର ରୂପ ଧାରଣ କଲା ଏବଂ ବ୍ରିଟିଶ୍ ଶାସନ ଶକ୍ତି ସହ ମୁକାବିଲା କରିବା ନିମନ୍ତେ ସାରା ଦେଶ ମାତି ଉଠିଲା । ସେତେବେଳେ କବି ବାଞ୍ଛାନିଧିଙ୍କ ସଂଗୀତ ସେହିଭଳି ତୀକ୍ଷ୍ଣ ହେବାକୁ ଆରମ୍ଭ କଲା । ତାଙ୍କର ଏକ ସଙ୍ଗୀତ କେବଳ ଓଡ଼ିଶା ଭିତରେ ସୀମାବଦ୍ଧ ନରହି ଭାରତୀୟ ସ୍ତରରେ ଆଦର ପାଇଥିଲା କହିଲେ ଅତ୍ୟୁକ୍ତି ହେବ ନାହିଁ ।

ସ୍ୱାଧୀନ ଭାରତ, ସ୍ୱାଧୀନ ଭାରତ
ସ୍ୱାଧୀନ, ସ୍ୱାଧୀନ ସ୍ୱାଧୀନରେ ।

ଗୀତଟି ପୂର୍ଣ୍ଣଭାବରେ ସଂସ୍କୃତ ଶବ୍ଦାବଳୀରେ ପରିପୂର୍ଣ୍ଣ । ଥରେ କଂଗ୍ରେସ ଅଧିବେଶନ ସମୟରେ ଗୁଜୁରାଟି କି ମଧ୍ୟପ୍ରଦେଶ କେଉଁଠି ମୋର ଠିକ୍ ସ୍ମରଣ ନାହିଁ- ସବୁ ପ୍ରଦେଶରେ ସଙ୍ଗୀତ ବୋଲା ଯାଉଥିବା ବେଳେ ଆମେ ଓଡ଼ିଆ ଡେଲିଗେଟ୍‌ମାନେ ଯେତେବେଳେ ଏହି ସଙ୍ଗୀତଟି ଗାଇ ବୁଲିଲୁ ବୋଧହୁଏ ପଞ୍ଜାବ ଛଡ଼ା ଭାରତର ସବୁ ଅଞ୍ଚଳରେ ଲୋକେ ଏହାକୁ ବୁଝି ପାରିଲେ । ଖାଲି ସେତିକି ନୁହେଁ, ସମସ୍ତେ ସଙ୍ଗୀତ ପରି ଏହା ଗାଇବାକୁ ମଧ୍ୟ ଆରମ୍ଭ କରିଥିଲେ । ତେଣୁ ବାଞ୍ଛାନିଧି ବାବୁଙ୍କ ସଙ୍ଗୀତ, ସ୍ୱର ଓ ଗାନ ଯାହାକୁ କହନ୍ତି Classes ଓ Masses ସମସ୍ତଙ୍କର ଦ୍ୱାରା ଆଦୃତ ହୋଇଥିଲା । ପରିତାପର ବିଷୟ ଯେ ଏଭଳି ପ୍ରତିଭାଜନ ବ୍ୟକ୍ତି ଦୀର୍ଘାୟୁ ହୋଇନଥିଲେ ଏବଂ ପରବର୍ତ୍ତୀ ଜାତୀୟ ଜୀବନର ଗଠନର ବିକାଶ ଦେଖିବାର ସୁଯୋଗରୁ ବଂଚିତ ହେଲେ ।

ପୂର୍ବତନ ରାଜ୍ୟପାଳ,
ସେକ୍ଟର-୫, କ୍ୱାଟର ନଂ.- ଏ/୭୬
ରାଉରକେଲା - ୭୬୯୦୦୨